ପାତାଳରେ ପଶିଯାଏ, ପାଦ କୁଣ୍ଡେଇ ହୁଏ, ବନ୍ଦ କବାଟ ପାଖରେ ଶହେ ଆଲ୍‌ପିନ୍ ଘୁରିବୁଲେ, ଏମିତି କେତେ କେତେ ବସ୍ତୁ ଓ ବିଷୟ ପ୍ରସଙ୍ଗ ଘୁରିବୁଲେ - ବ୍ୟକ୍ତିଗତ ଠାରୁ ଆରମ୍ଭ କରି ରାଷ୍ଟ୍ର ଯାଏ। ଦିନେ ବର୍ଷଣମୁଖର ରାତିରେ..., ମ୍ୟାନ୍‌ହୋଲ୍, ପକ୍ଷୀର ରାବରେ ଫୋନ୍ ବାଜି ଉଠେ, ମତ୍ସ୍ୟକନ୍ୟା ସହିତ ମୋର କେବେ ଭେଟ ନହେବା, ଚାରିଆଡ଼େ ପ୍ରଚଣ୍ଡ ଖରାର ରାଜୁତି ଇତ୍ୟାଦି ଇତ୍ୟାଦି କଥାସବୁ।

ପ୍ରମିତା କହିଲା, 'ପୋଲିସମାନେ ଖୁବ୍ କଠିନ, ନା ?'

ମୁଁ କହିଲି, 'ଯେତେବେଳେ ମେଘ ପାତାଳରେ ପଶିଯାଏ, ପାଦ କୁଣ୍ଡାଇ ହେବା ବଢ଼ିଯାଏ।'

ପ୍ରମିତା ହସିଲା।

'ହସିଲ ଯେ ?'

ମୋର ଏହି ଅର୍ଥହୀନ କଥାରେ ପ୍ରମିତା କଥା ତିଆରି କରିପାରୁଛି ଦେଖି ମୁଁ ଅବାକ୍ ହୋଇଗଲି। ପୁଣି ହସିଲା ପ୍ରମିତା। ଆହୁରି ଥରେ ଜୋର୍‌ରେ ହସିଉଠିଲା ସେ। ମୋ କଥାଟିକୁ ଉଚ୍ଚାରଣ କରି କହିଲା, 'ମେଘ ଯେତେବେଳେ ପାତାଳରେ ପଶିଯାଏ, ସେତେବେଳେ ପାଦ କୁଣ୍ଡାଇ ହେବା ବଢ଼ିଯାଏ !'

'ହଁ।'

କିନ୍ତୁ ଏଇ ରାତିରେ ଯଦି ସେହି ପୋଲିସ୍ ଜଣକ ଆସି ଘରର ବେଲ୍ ବଜାନ୍ତି ?

'ସେମିତି ହେଲେ ସେହି ପୋଲିସ ଜଣକ ମୋର କେତୋଟି ଶବ୍ଦ ଶୁଣି ଏମିତି ହସି ହସି ବେଦମ୍ ହୋଇ ଯିବ ଯେ ଶେଷରେ ଏଇଠୁ ଚାଲିଯିବ।'

'କିନ୍ତୁ କାହିଁକି ସେ ଆସିବେ ?'

ଆସିବେ ସେହି ଆତ୍ମହତ୍ୟାକାରୀକୁ ସିଲିଂ ଫ୍ୟାନ୍‌ରୁ ଓହ୍ଲେଇ ଦେବା ପାଇଁ। ସେଥିରେ ସେ ମଜା ପାଏ ଓ ସନ୍ତୁଷ୍ଟ ହୋଇଥାଏ। ବଞ୍ଚାଇବାକୁ ଚାହିଁଲେ ଏମାନଙ୍କର ସନ୍ଦେହ ବଢ଼େ, ଏମାନେ ସିରିୟସ୍ ହୋଇଯାଆନ୍ତି। କୌଣସିଠାରେ ଉଗ୍ରପନ୍ଥୀ ମୁଣ୍ଡ ଟେକୁଛି ବୋଲି ଏମାନଙ୍କର ସନ୍ଦେହ ହୁଏ। ଏମିତି ହେଲେ ସେମାନେ ବେଶୀ ରଗୁଡ଼ି ହୋଇଥା'ନ୍ତି। ଏପରିକି ସେମାନଙ୍କ ତଦନ୍ତ ବେଳେ ଏମାନେ ହସନ୍ତି, ନହେଲେ ଲୋକମାନଙ୍କୁ ଗଳଦ୍‌ଘର୍ମ କରିଦିଅନ୍ତି।'

'ତମେ ତ ଏସବୁ କଥା ଆଜିକାଲି କୁହନାହିଁ।'

'ନା, କହେ ନାହିଁ।'

'ତେବେ ଆଜି କହୁଛ କାହିଁକି ?'

'ଭୁଲ୍‌ରେ କହି ଦେଇଛି। ସେଦିନ ଅନନ୍ୟ ଆସିଥିଲା ଓ ବାଲ୍‌କୋନି ତଳେ ଛିଡ଼ା ହୋଇଥିଲା, ସେଇ ଲାଲ୍ କୃଷ୍ଣଚୂଡ଼ା ଗଛମୂଳେ। ମୁଁ ତାକୁ ପଛପଟରୁ ନାତଟିଏ ମାରିଲି। ସେ ଭୟଭୀତ ହୋଇ ଏଠାରୁ ଚାଲିଗଲା।'

'ଭୟ, କାହାର ଭୟରେ ?'

'ବନ୍ଦ କବାଟର ବନ୍ଧରେ ଶହେଟି ଆଲ୍‌ପିନ୍ ଭାସି ଭାରି ଉଡୁଛନ୍ତି।'

'ଏହାର ଅର୍ଥ କ'ଣ ?'

'ଏହାର କିଛି ଅର୍ଥ ନଥାଏ। ଯାହାର କିଛି ଅର୍ଥ ନଥାଏ, ତାହାର ପୁଣି ଅନେକ ଅର୍ଥ ଥାଏ। ବନ୍ଦ କବାଟ ନିକଟରେ ଶହେଟି ଆଲ୍‌ପିନ୍ ଭାସି ଭାସି ଉଡୁଛନ୍ତି। ଏପରି କଥାର କ'ଣ କିଛି ଅର୍ଥ ତମେ ବାହାର କରିପାରିଲ ?'

'ପାରୁଛି, ପୁଣି ବାହାର କରିପାରୁନାହିଁ।'

'ତମେ ଶୁଣିପାରୁନାହଁ, ପକ୍ଷୀ ରାବରେ ଫୋନ୍ ବାଜୁଛି ଆତ୍ମହତ୍ୟାକାରୀ ସଞ୍ଜୁର ବାପାମା'ଙ୍କ ଫ୍ଲାଟ୍‌ରେ ?'

'ହଁ।'

ଏଇ ଫୋନ୍‌ଟି ଆମ ଘରେ ବାଜିବାର ଥିଲା। ଏହି ଫୋନ୍‌ଟି ଏବେ ଶୋକ ସାନ୍ତ୍ୱନା ଶୁଣାଉଛି ସଞ୍ଜୁର ବାପ ମା'ଙ୍କୁ। ସେଇ ଠିକଣାଟି ମୋର ହୋଇଯିବା ହେତୁ ଅନନ୍ୟ ସେଇ ଫ୍ଲାଟ୍‌କୁ ଯାଇଥିଲା। ମୋ ବାପ ମା'ଙ୍କୁ ପ୍ରଣାମ କରି ମୋ ଆତ୍ମହତ୍ୟାର କଥା ଶୁଣି ଦୁଃଖ ପାଇଲା। ସେହି ଅନନ୍ୟ ମୋତେ ଆମର ଏଇ ଫ୍ଲାଟ୍‌ରେ ମୋତେ ଦେଖି ଭୟଭୀତ ହୋଇଉଠେ ଆଉ ସେ ମୋ ବଞ୍ଚି ରହିବାର କଥାକୁ ବୁଝିବାକୁ ଚେଷ୍ଟା କରିନାହିଁ। ତାକୁ ମୁଁ କହିବାକୁ ଚାହିଁଥିଲି, ପିମ୍ପୁଡ଼ିମାନେ ନିଆଁଠାରୁ ଆହୁରି ଅଧିକ କଳ୍ପନା ପ୍ରବଣ, ସେଥିରୁ ସେ ବୁଝିପାରିଥା'ନ୍ତା ମୋ ବଞ୍ଚିରହିବାର କଥାଟିକୁ। କିନ୍ତୁ ଭୟଭୀତ ହୋଇଗଲା, ଦୁଃସମୟରେ ଅସହାୟତାକୁ ବୁଝିନେଇ ପାରିଲା ନାହିଁ। ତାକୁ ମୋ ଆଡ଼କୁ ଫେରିଚାହିଁବା ପାଇଁ ନାତଟିଏ ମାରିଲି। ସେ କିଛି ବୁଝିଲା ନାହିଁ। ସେ ଯଦି ସିଧାସଳଖ ଆମ ଫ୍ଲାଟ୍‌କୁ ଉଠିଆସିଥା'ନ୍ତା, ତାହାଲେ ମୁଁ ତାକୁ 'ପିମ୍ପୁଡ଼ିମାନେ ନିଆଁ ଠାରୁ ଅଧିକ କଳ୍ପନାପ୍ରବଣ' କଥାଟିକୁ ବୁଝାଇ ଦେବା ପାଇଁ ଅଭ୍ୟର୍ଥନା ଜଣାଇଥା'ନ୍ତି। ମୁଁ ଭୁଲ ଠିକଣା ଦେଇଛି ବୋଲି ସେ ଭୁଲ୍ ଠିକଣାକୁ କାହିଁକି ଯେ ଯିବ ?

ତମକୁ କ'ଣ ନିଦ ଆସିଗଲାଣି କି ?'

'ନା, କୁହ। ମୋତେ ଭୟ ଲାଗୁଛି।'

'ଭୟ ?'

'ହଁ।'

'ଭୟ ଯେତେବେଳେ ରକ୍ତ ମାଂସ ମଜ୍ଜାରେ ପଶିଗଲେ, ଜଣେ ନିଶ୍ଚୟ ଭୟ ପାଇବ। ମୋତେ କେବଳ ମୃତ ଅବସ୍ଥାରେ ଦେଖିଲେ ଭୟ ତ ପାଇବ। ମୋର ଜୀବନ୍ତ ଓ ମୃତ ଅବସ୍ଥା - ଏଇ ଦୁଇଭାବେ ଦେଖିବାକୁ ଚେଷ୍ଟା କର। ସେଥିରୁ ଯଦି କିଛି ପାଇଯିବ।'

ରଜତ କହୁଥିଲା, 'ତା'ର ଜଣେ ବୟସ୍କ ବନ୍ଧୁ ନୀହାର ଭାଇ ହସ୍ପିଟାଲରେ ଚିକିତ୍ସାରତ ଅବସ୍ଥାରେ ଭାଙ୍ଗିପଡ଼ିବା ଅବସ୍ଥା ଦେଖି ସେ ଖୁବ୍ ଭୟଭୀତ ହୋଇଯାଇଛି।'

'କନ୍ଦମୂଳ, କାନୀନ, ପାଣିବସନ୍ତ।' ମନେ ମନେ କହିଲି।

'ଶିଖାର ଭିଣୋଇ ଅପରେସନ୍ ତ୍ରୁଟି ପାଇଁ ମରିଗଲେ।'

'ତମ ଅଫିସ୍ ସହକର୍ମୀଙ୍କ ପୁଅ ତ ପାଞ୍ଚ ମାସ ହେଲା ନିଖୋଜ।'

'ରାଜନୀତି ଓ ଧର୍ମ ପରସ୍ପର ଭିତରେ ଟଣାଓଟରା।' ମନେ ମନେ କହିଲି।

'କନ୍ଦମୂଳ, କାନୀନ, ପାଣିବସନ୍ତ।'

'ସାମ୍ପ୍ରଦାୟିକତା ବଢୁଛି।'

'ହେଡ୍‌ମାଷ୍ଟର, ଚିଙ୍ଗୁଡ଼ି, ଚେନାଚୁର।' ମନେ ମନେ କହିଲି।